# NATIONAL NEWS BULLETIN (ODIA)
## 1 May - 2026
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ରଣନୈତିକ ଭାଗିଦାରିତା ତ୍ୱରାନ୍ୱିତ କରି ଭାରତର ସ୍ଥିତି ସୁଦୃଢ଼ ଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।
- ଓଡ଼ିଶା ଗସ୍ତରେ ଆସି ରାୟଗଡ଼ାଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ କରିବେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ।
- ବୁଦ୍ଧ ପୂର୍ଣ୍ଣିମା ଅବସରରେ ଭଗବାନ ବୁଦ୍ଧଙ୍କ ଶାନ୍ତି, ସହିଷ୍ଣୁତା ଓ ସଦ୍‌ଭାବନାର ବାର୍ତ୍ତା ମାନବ ସମାଜକୁ ଉଚିତ୍ ମାର୍ଗଦର୍ଶନ ଦେବ, କହିଲେ ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪ ୱିକେଟ୍‌ରେ ପରାସ୍ତ କଲା ଗୁଜରାଟ ଟାଇଟନ୍ସ ।

# ରିଭାଇଜଡ୍ ପିଏମ୍-କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ରଣନୈତିକ ଭାଗିଦାରିତା ତ୍ୱରାନ୍ୱିତ ଜରିଆରେ ବିଶ୍ୱରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଏହାଦ୍ୱାରା ବିଦେଶରେ ମଧ୍ୟ ଭାରତର ଯୋଗାଯୋଗ ସୁଦୃଢ଼ ହୋଇପାରିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକାଦଶ ମିଶନ୍ ପ୍ରମୁଖମାନଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ନିମନ୍ତେ ଭାରତର କୂଟନୈତିକ ସ୍ଥିତି ସମ୍ପର୍କରେ ତାଙ୍କର ମନୋଭାବ ଏବଂ ମାର୍ଗଦର୍ଶନ ସମ୍ମିଳନୀରେ ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ପର୍ଯ୍ୟଟନ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଉଦ୍‌ଘାଟନୀ ଅଭିଭାଷଣରେ ରାଷ୍ଟ୍ରୀୟ ସ୍ୱାର୍ଥ ଏବଂ ଜାତୀୟ ଲକ୍ଷ୍ୟ ପୂରଣ ଦିଗରେ ଭାରତର କୂଟନୀତି ଥିବା ପ୍ରସ୍ତୁତ କହିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ଗତ ମାସ ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ତିନି ଦିନିଆ କାର୍ଯ୍ୟକ୍ରମରେ ମିଶନ୍ ପ୍ରମୁଖ ମାନେ ଯୋଗ, ବିଚାର ମନ୍ଥନ, ଅଧିବେଶନ, ଟେବୁଲ୍ ଟପ୍ ଅଭ୍ୟାସ ଏବଂ ବିଭିନ୍ନ ଭୂ-ରାଜନୈତିକ ଘଟଣାକ୍ରମ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ

କରିଥିଲେ । ଚଳିତ ବର୍ଷ ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ '୨୦୪୭ ବର୍ଷ ନିମନ୍ତେ ଭାରତୀୟ କୂଟନୀତି ସ୍ତରରେ ସୁଧାର' ରହିଛି ।

## ଶିବରାଜ ସିଂହ ଚୌହାନ-ଓଡ଼ିଶା

କୃଷି, କୃଷକ କଲ୍ୟାଣ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଗସ୍ତ ଅବସରରେ ରାୟଗଡ଼ାଠାରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଚୌହାନ ଅଂଶଗ୍ରହଣ କରିବେ । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଶ୍ରୀ ଚୌହାନ ସେଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ କରିବେ । ଏହି ଯୋଜନା ଅଧୀନରେ ପ୍ରାୟ ୧ ହଜାର ୭୦୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୮ ହଜାର ୨୭ଟି ସଡ଼କ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏଥିପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ଏହାଦ୍ୱାରା ୮୯୮ଟି ଜନବସତି ଅଞ୍ଚଳକୁ ପ୍ରଥମଥର ପାଇଁ ସବୁଦିନିଆ ରାସ୍ତା ସଂଯୋଗୀକରଣ ସମ୍ଭବ ହୋଇପାରିବ ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ଓଡ଼ିଶାରେ ଏ ପର୍ଯ୍ୟନ୍ତ ୭୪ ହଜାର ୭୨୫ କିଲୋମିଟର ସଡ଼କ ଯୋଗାଯୋଗ ସହ ୭୦୭ଟି ସେତୁକୁ ମିଶାଇ ୧୭ ହଜାର ୭୬୦ଟି ସଡ଼କ ନିର୍ମାଣ

ଅନୁମୋଦନ ପାଇସାରିଛି । ଇତିମଧ୍ୟରେ ୭୧ ହଜାର ୭୪୨ କିଲୋମିଟର ସଡ଼କପଥ ଏବଂ ୬୫୮ଟି ସେତୁକୁ ମିଶାଇ ୧୭ ହଜାର ୭୬୦ଟି ରାସ୍ତା ସମ୍ପୂର୍ଣ୍ଣ ହୋଇସାରିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ସିକିମ୍ ସିଜେଆଇ-କନ୍‌କ୍ଲେଭ୍

ପ୍ରଯୁକ୍ତିବିଦ୍ୟା ଏବଂ ନ୍ୟାୟିକ ସଂସ୍କାର ଆଧାରିତ ଏକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆଜିଠାରୁ ସିକ୍କିମ୍‌ର ଗ୍ୟାଙ୍ଗ୍‌ଟକ୍‌ଠାରେ ଆରମ୍ଭ ହେବ । ସୁପ୍ରିମ୍‌କୋର୍ଟ୍‌ର ଇ-କମିଟି ସହଯୋଗରେ ସିକ୍କିମ୍ ହାଇକୋର୍ଟ୍ ଦ୍ୱାରା ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଗୋଲେଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ସିକ୍କିମ୍‌କୁ କାଗଜବିହିନ ନ୍ୟାୟପାଳିକା ରାଜ୍ୟ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଘୋଷଣା କରିବେ । ଏହି ଦୁଇ ଦିନିଆ ସମ୍ମିଳନୀ ଅବସରରେ ବିଚାର ବିଭାଗୀୟ ଅଧିକାରୀ, ଆଇନ୍ ବିଶେଷଜ୍ଞ, ଶିକ୍ଷାବିତ୍, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ପ୍ରମୁଖ ଯୋଗଦେଇ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପ୍ରଯୁକ୍ତିବିଦ୍ୟାର ଭୂମିକା ଉପରେ ଆଲୋଚନା କରିବେ ।

# ଗଭ୍‌-ଏକ୍ସପୋର୍ଟ୍ ଡ୍ୟୁଟି

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜିଠାରୁ ଆସନ୍ତା ୧୫ ଦିନ ପାଇଁ ଡିଜେଲ୍ ଏବଂ ବିମାନ ଉଡ଼ାଣ ଇନ୍ଧନ ଉପରେ ସଂଶୋଧିତ ରପ୍ତାନୀ ଶୁଳ୍କ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଡିଜେଲ୍ ଉପରେ ରପ୍ତାନୀ ଶୁଳ୍କ ଲିଟର ପିଛା ୨୩ ଟଙ୍କା ଏବଂ ବିମାନ ଉଡ଼ାଣ ଇନ୍ଧନ ପାଇଁ ଲିଟର ପିଛା ୩୩ଟଙ୍କା ଶୁଳ୍କ ସଂଶୋଧିତ କରାଯାଇଛି । ଅନ୍ୟ ପକ୍ଷରେ ପେଟ୍ରୋଲ ଉପରେ କୌଣସି ଅତିରିକ୍ତ ରପ୍ତାନୀ ଶୁଳ୍କ ଲାଗୁ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପେଟ୍ରୋଲ୍, ଡିଜେଲ ଏବଂ ବିମାନ ଇନ୍ଧନ ଉପରେ ରପ୍ତାନୀ ଶୁଳ୍କ ୨୦୨୬ ମାର୍ଚ୍ଚ ୨୭ରୁ କାର୍ଯ୍ୟକାରୀ ହୋଇଥିଲା । ପଶ୍ଚିମ ଏସିଆରେ ସଂକଟ ପରିସ୍ଥିତି ଯୋଗୁଁ ଘରୋଇ ପେଟ୍ରୋଲଜାତ ସାମଗ୍ରୀ ଉପଲବ୍ଧତାକୁ ସୁନିଶ୍ଚିତ କରିବା ନିମନ୍ତେ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିଲା ।

# ଗୁଜରାଟ-ଷ୍ଟେଟ୍ ହୁଡ୍ ଡେ

ଗୁଜରାଟରେ ଆଜି ରାଜ୍ୟ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି । ଆଜି ସନ୍ଧ୍ୟାରେ ସୁରଟଠାରେ ରାଜ୍ୟସ୍ତରୀୟ ୬୬ତମ ରାଜ୍ୟ ପ୍ରତିଷ୍ଠା ଦିବସ ପାଳନ ସମାରୋହ ଅନୁଷ୍ଠିତ ହେବ । ରାଜ୍ୟପାଳ ଆଚାର୍ଯ୍ୟ

ଦେବବ୍ରତ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଆୟୋଜିତ ପ୍ୟାରେଡ୍ ଉତ୍ସବର ନେତୃତ୍ୱ ନେବେ । ପ୍ୟାରେଡ୍‌ରେ ପୋଲିସ୍ ପ୍ଲାଟୁନ୍, ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ଏବଂ ମୋଟର ସାଇକେଲ୍ ଦୁସାହସିକ ପ୍ରଦର୍ଶନୀ ହେବା ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ରାଜ୍ୟବାସୀଙ୍କୁ ବାର୍ତ୍ତା ଦେଇ ତାଙ୍କ ସରକାରଙ୍କ ପ୍ରତି ଜନସାଧାରଣଙ୍କ ନିରନ୍ତର ବିଶ୍ୱାସ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି । ୨୦୩୫ ମସିହା ସୁଦ୍ଧା ରାଜ୍ୟକୁ ଏକ ବିଶ୍ୱ ଶ୍ରେଣୀ ମଡେଲ ରାଜ୍ୟ ଭାବେ ଗଢ଼ି ତୋଳିବା ଲାଗି ସେ ସଂକଳ୍ପବଦ୍ଧ ଥିବା ପ୍ରକାଶ କରିଛନ୍ତି ।

## ପ୍ରେଜ୍-ବୁଦ୍ଧ ପୂର୍ଣ୍ଣିମା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଦ୍ଧପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ତାଙ୍କ ବାର୍ତ୍ତାରେ କହିଛନ୍ତି, ଏହି ପବିତ୍ର ଦିନ ଭଗବାନଙ୍କ ବୁଦ୍ଧଙ୍କ ଜନ୍ମ, ଜ୍ଞାନପ୍ରାପ୍ତି ଏବଂ ମହାପରିନିର୍ବାଣର ଐତିହାସିକ ଘଟଣାର ପ୍ରତୀକ ଅଟେ । ଭଗବାନ ବୁଦ୍ଧଙ୍କ କରୁଣା, ଅହିଂସା, ଶାନ୍ତି ଏବଂ ଜ୍ଞାନର ଶାସ୍ୱତ ବାର୍ତ୍ତା ସମଗ୍ର ମାନବ ସମାଜକୁ ମାର୍ଗ ଦର୍ଶନ କରିବ । ରାଷ୍ଟ୍ରପତି କହିଛନ୍ତି, ବର୍ତ୍ତମାନ ସମୟରେ ମାନବ ସମାଜକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି । ଭଗବାନ ବୁଦ୍ଧଙ୍କ ଶାନ୍ତି, ସହିଷ୍ଣୁତା

ଏବଂ ସଦ୍‌ଭାବନାର ବାର୍ତ୍ତା ସମସ୍ତଙ୍କୁ ଉଚିତ୍ ମାର୍ଗରେ ଚାଲିବା ଲାଗି ପ୍ରେରିତ କରିବ ।

## ଅମିତ ଶାହା-ଲଦାଖ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଲେହର ଚୋଗ୍ଲାମସର୍, ଫୋଟାଙ୍ଗର ଜିଭେସାଲ୍ ଠାରେ ତଥାଗତ ବୁଦ୍ଧ ଦେବଙ୍କ ପବିତ୍ର ଅବଶେଷ ପ୍ରଦର୍ଶନୀ ଏବଂ ବୁଦ୍ଧ ପୂର୍ଣ୍ଣିମା ସମାରୋହର ଉଦ୍‌ଘାଟନ କରିବେ । ଶ୍ରୀ ଶାହା ମଧ୍ୟ କାର୍ଗିଲ୍‌ଠାରେ  ୧୦ ହଜାର ଲିଟର ପ୍ରତିଦିନ କ୍ଷମତା ବିଶିଷ୍ଟ ଦୁଗ୍ଧ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଗତକାଲି ଲେହେଠାରେ ଲଦାଖକୁ ଦୁଇ ଦିନିଆ ଗସ୍ତରେ ଯାଇ ସେଠାରେ ପହଞ୍ଚିଛନ୍ତି ।

## ଚୈତ୍ରପୂର୍ଣ୍ଣମୀ ଫେଷ୍ଟିଭାଲ୍

କେରଳମ୍-ତାମିଲନାଡୁ ସୀମାନ୍ତବର୍ତ୍ତୀ ମଙ୍ଗଳାଦେବୀ  କାନ୍ନାଗି ମନ୍ଦିରରେ ଆଜି ଚୈତ୍ରପୂର୍ଣ୍ଣମୀ ପର୍ବ ପାଳନ କରାଯାଉଛି । ପେରିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରେ ଅବସ୍ଥାପିତ ଏହି ମନ୍ଦିର ସକାଳ ୬ଟାରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଖୋଲିଛି । ଆଜିର ଚୈତ୍ର ପୂର୍ଣ୍ଣମୀ ଦିବସରେ ଏହି

ମନ୍ଦିର କେବଳ ଖୋଲା ରହିଥାଏ । ଅପରାହ୍ଣ ୨ଟା ୩୦ ମିନିଟ୍ ସମୟରେ ଜଙ୍ଗଲ ପ୍ରବେଶ ନିଷେଧ ହୋଇଥାଏ ଏବଂ ସମସ୍ତ ଶ୍ରଦ୍ଧାଳୁ ସନ୍ଧ୍ୟା ୫ଟା ସୁଦ୍ଧା ଏଠାରୁ ପ୍ରସ୍ଥାନ କରିଥାନ୍ତି ।

# କୈଳାଶ ଯାତ୍ରା

ଆଦି କୈଳାଶ ଯାତ୍ରା ଆଜିଠାରୁ ଉତ୍ତରାଖଣ୍ଡରେ ଆରମ୍ଭ ହୋଇଯାଇଛି । ପିଥୋରାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ କୈଳାଶ ଯାତ୍ରାର ସୁପଚାରିଚାଳନା ନିମନ୍ତେ ସମସ୍ତ ପ୍ରସ୍ତୁତି ଇତିମଧ୍ୟରେ ସମ୍ପନ୍ନ ହୋଇଛି । ଶ୍ରଦ୍ଧାଳୁମାନଙ୍କ ଯାତ୍ରା ନିମନ୍ତେ ନାମ ପଞ୍ଜିକରଣ କରାଯିବା ସହ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରଦାନ କରାଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି, ଯାତ୍ରା ସହ ସମ୍ପୃକ୍ତ ବିଭାଗ ଏବଂ ଏଜେନ୍ସିଗୁଡ଼ିକୁ ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ଏବଂ ସହଜ ଯାତ୍ରାକୁ ସୁନିଶ୍ଚିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରା ପଥରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

# ଆଇଏମ୍‌ଡି ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର, ମିଜୋରାମ୍, ତ୍ରିପୁରା, ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ର କେତେକ ଅଞ୍ଚଳରେ ପ୍ରବଳରୁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଆସାମ, ମେଘାଳୟ, କେରଳ, ମାହେ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ, ତାମିଲନାଡୁ, ପୁଡୁଚେରୀ, କରେଇକେଲାରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି । ବିହାର, ଛତିଶଗଡ଼, ପୂର୍ବ ମଧ୍ୟପ୍ରଦେଶ, ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, କେରଳ, ମାହେ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ ଅଞ୍ଚଳରେ ଆଜି ଘଡ଼ଘଡ଼ି ସହ ପବନ ଓ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ଅନ୍ୟ ପକ୍ଷରେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକେଲାର କେତେକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସହ ଆଦ୍ରତା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ' ରୟାଲ୍

ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪ ଓ୍ବିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ୧୯ ଦଶମିକ୍ ୨ ଓଭରରେ ୧୫୫ରନ୍ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ଗୁଜରାଟ ଟାଇଟନ୍ସ ୬ ଓ୍ବିକେଟ୍ ହରାଇ ଆଉ ୨୫ ବଲ୍ ଥିବା ବେଳେ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଗୁଜରାଟର ଅଧିନାୟକ ଶୁଭମନ୍ ଗିଲ୍ ୧୮ ବଲ୍‌ରୁ ୪୩ରନ୍ ସଂଗ୍ରହ କରିଥିବା ବେଳେ ବେଙ୍ଗାଲୁରୁ ପକ୍ଷରୁ ଦେବଦତ ପାଡିକଲ୍ ୨୪ ବଲ୍‌ରୁ ୪୦ରନ୍ କରିବାକୁ ସକ୍ଷମ ହୋଇଥିଲେ । ଗୁଜରାଟ ଟାଇଟନ୍ସ ପକ୍ଷରୁ ଜେସନ୍ ହୋଲଡର୍ ୨ଟି ଓ୍ବିକେଟ୍ ନେଇଥିବା ବେଳେ ୩ଟି କ୍ୟାଚ୍ ନେଇଥିଲେ । ଅନ୍ୟ ପକ୍ଷରେ ଗୁଜରାଟ ପାଇଁ ଅର୍ସଦ୍ ଖାନ୍ ୩ଟି ଓ୍ବିକେଟ୍ ନେଇଥିଲେ । ହୋଲଡର୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଆଜି ରାତି ସାଢ଼େ ୭ଟା ସମୟରେ ଜୟପୁରର ସାବାଇ ମାନସିଂହ ଷ୍ଟାଡିୟମ୍‌ଠାରେ ରାଜସ୍ଥାନ ରୟାଲ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।